| | | | | | | | | | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| O | R | R | M | K | S | P | - | A | G | R | I | 0 | 0 | 0 | **0** | **0** | **0** | **4** | **0** | **0** | **0** | **0** |

## ବରିଷ୍ଠ ଗୋଷ୍ଠୀ ସାଧନ ବ୍ୟକ୍ତି (Para Professional)

୧. ଓରୀସା ଅନୁଷ୍ଠାନ ଦ୍ୱାରା ପରିଚାଳିତ ମହିଳା କୃଷକ ସଶକ୍ତିକରଣ ପରିଯୋଜନା କାର୍ଯ୍ୟ କରୁ ଥିବା ଅଂଚଳ ଓ ଏହାର ଆଖପାଖ ଅଂଚଳରେ ପୂର୍ବରୁ ଗୋଷ୍ଠୀରେ କାର୍ଯ୍ୟରତ ବ୍ୟକ୍ତି ଯାହାଙ୍କ ପାଖରେ ଚିରନ୍ତନ କୃଷି କାର୍ଯ୍ୟକ୍ରମ ଗୁଡ଼ିକରେ ପର୍ଯ୍ୟାପ୍ତ ଅଭିଜ୍ଞତା ରହିଥିବା ଆବଶ୍ୟକ ।

୨. ବ୍ୟକ୍ତି ଜଣକ ଅଂଚଳର ପାରମ୍ପରିକ ଚାଷ ପଦ୍ଧତି ଓ ଅଂଚଳର ପ୍ରାକୃତିକ ସମ୍ବଳଗୁଡ଼ିକୁ ଭଲ ଭାବେ ବୁଝିଥିବା ଆବଶ୍ୟକ ଏବଂ କମ ଖର୍ଚ୍ଚ ତଥା ସ୍ଥାନୀୟ ସମ୍ବଳ ବିନିଯୋଗ କରି କିପରି ଅଧିକ ଉତ୍ପାଦନ କରିହେବ ତାହା ହୃଦୟଙ୍ଗମ କରିଥିବେ ।

୩. ବ୍ୟକ୍ତି ଜଣଙ୍କୁ ସ୍ଥାନୀୟ ମହିଳା ଚାଷୀମାନେ ସମ୍ମାନ ଦେଉଥିବେ ।

୪. ବ୍ୟକ୍ତି ଜଣଙ୍କ ନିଜ ଜମିରେ ଚିରନ୍ତନ କୃଷି କାର୍ଯ୍ୟକ୍ରମ କରୁଥିବେ ।

୫. ତାଙ୍କ ବୟସ ୧୮ ବର୍ଷରୁ ଅଧିକ ହୋଇଥିବ । ତାଙ୍କର ସ୍ୱେଚ୍ଛାସେବୀ ମନୋଭାବ ଥିବା ଆବଶ୍ୟକ ।

୬. ଓଡ଼ିଆ ଭାଷାରେ ଭଲ ଭାବେ ଲେଖି ପାରୁଥିବେ ଓ ସ୍ଥାନୀୟ ଆଦିବାସୀ ଭାଷା ଭଲ ଭାବରେ କହି ପାରୁଥିବେ, ବୁଝିପାରୁଥିବେ ତଥା ଏହି ଅଂଚଳର ବାସିନ୍ଦା ହୋଇଥିବେ ।

୭. ଅନ୍ୟ ଚାଷୀମାନଙ୍କୁ ଚିରନ୍ତନ କୃଷି କାର୍ଯ୍ୟ ଶିଖାଇବାର ଇଚ୍ଛାଶକ୍ତି ଥିବ ।

୧.୨ ପ୍ରାଥମିକ ସ୍ତରରେ ଏହି କାମ ପାଇଁ ଜଣେ ମହିଳା ହେଲେ ଭଲ । ଯଦି ଦଳଗୁଡ଼ିକ ଥିବା ଗ୍ରାମ ଗୁଡ଼ିକରେ ଯୋଗ୍ୟ ମହିଳା ବ୍ୟକ୍ତି ନ ମିଳନ୍ତି ତେବେ ପାଖ ଗ୍ରାମ ଅଥବା ସେହି ପଚାଂୟତର କୌଣସି ଗ୍ରାମର ବାସିନ୍ଦା ହେଲେ ଭଲ ।

୧.୩ ଅନ୍ତତଃ ପକ୍ଷେ ବରିଷ୍ଠ ସାଧନ ବ୍ୟକ୍ତି ଜଣଙ୍କ ଲେଖା ପଢ଼ା ଜାଣିଥିବା ଆବଶ୍ୟକ । ଦଳଗୁଡ଼ିକର ବୈଠକ ବିବରଣୀ ଲେଖି ପାରୁଥିବେ, ଓଡ଼ିଆରେ ଦସ୍ତଖତ କରୁଥିବେ ଓ ଦରଖାସ୍ତ ଲେଖି ପାରୁଥିବେ।

୧.୪ ସ୍ୱାଧୀନ ଭାବେ ଯାତାୟତ କରିପାରୁଥିବେ ଓ ଗ୍ରାମ ଠାରୁ ପଂଚାୟତ ପର୍ଯ୍ୟନ୍ତ ଯିବା ଆସିବା କରିବାର ଅଭ୍ୟାସ ଥିବା ଆବଶ୍ୟକ ।

୧.୫ ବରିଷ୍ଠ ସାଧନ ବ୍ୟକ୍ତି ଜଣଙ୍କ ନିଜ ଜମିରେ ଚାଷକାମ କରୁଥିବା ମଧ୍ୟ ଆବଶ୍ୟକ । ଚାଷ ବିଷୟରେ ବ୍ୟବହାରିକ ଜ୍ଞାନ ଥିବା ମଧ୍ୟ ଦରକାର, ନିଜ ଅଂଚଳର ବିହନ, ଚାଷ ପ୍ରଣାଳୀ, ଆଦିବାସୀଙ୍କ ଖାଦ୍ୟ ଉତ୍ପାଦନର ଧାରା ଓ ପାରମ୍ପରିକ ଚାଷ ଜ୍ଞାନ ଧାରଣା ଗୁଡ଼ିକ ଆମ କାମକୁ ବହୁତ ସାହାଯ୍ୟ କରିବ ।

୧.୬ ବରିଷ୍ଠ ସାଧନ ବ୍ୟକ୍ତି ଜଣଙ୍କ କୌଣସି ଚାକିରୀ ଖୋଜୁ ନଥିବେ । ନିଜ ଗ୍ରାମ ଛାଡ଼ି ବାହାରକୁ ପଳାଇବାର ଅଭିସନ୍ଧି ନଥିବା ଦରକାର ।

୧.୭ ଏହା ଏକ ସ୍ୱେଚ୍ଛାସେବୀ କାମ ଓ କୌଣସି ଚାକିରୀ ନୁହେଁ । ତେଣୁ ନିଜ ଗ୍ରାମର ମହିଳାମାନଙ୍କୁ ସାହାଯ୍ୟ କରିବା ପାଇଁ ଆଗ୍ରହ ଥିବା ଦରକାର ।

୧.୮ ମହିଳା ଉତ୍ପାଦନକାରୀ ଦଳ ବା ସ୍ୱୟଂ ସହାୟକ ଦଳର ଜଣେ ସଭ୍ୟା ମଧ୍ୟ ଏହି କାମ ପାଇଁ ଯୋଗ୍ୟ । କିନ୍ତୁ ଏହି ସଭ୍ୟା ଜଣଙ୍କ ସ୍ୱୟଂସହାୟକ ଦଳର ସଭାପତି, ସମ୍ପାଦକ ଅଥବା କୋଷାଧ୍ୟକ୍ଷ ହୋଇ ନଥିବେ ।

୧.୯ ସାଧାରଣତଃ ବରିଷ୍ଠ ସାଧନ ବ୍ୟକ୍ତି ଜଣଙ୍କ ୩ - ୫ ଟି ମହିଳା ଉତ୍ପାଦନକାରୀ ଦଳ ଦଳଗୁଡ଼ିକ ପାଇଁ କାମ କରିବେ ।

**ବରିଷ୍ଠ ଗୋଷ୍ଠୀ ସାଧନ ବ୍ୟକ୍ତିଙ୍କ ଚିହ୍ନଟ ପ୍ରକ୍ରିୟା :**

୨.୧ ମହିଳା ଉତ୍ପାଦନକାରୀ ଦଳ ଗୁଡ଼ିକ ତିଆରି ହେବା ପରେ ଚିହ୍ନଟ ହୋଇଥିବା ବରିଷ୍ଠ ଗୋଷ୍ଠୀ ସାଧନ ବ୍ୟକ୍ତିଜଣଙ୍କୁ ତାଙ୍କ ପାଇଁ ପ୍ରଯୁଜ୍ୟ ନିର୍ଦ୍ଧିଷ୍ଟ ଉତ୍ପାଦନକାରୀ ଦଳ ଗୁଡ଼ିକ ସହିତ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିବାକୁ ପଡ଼ିବ ।

୨.୩ ବରିଷ୍ଠ ଗୋଷ୍ଠୀ ସାଧନ ବ୍ୟକ୍ତି ଜଣକ କୌଣସି ଉତ୍ପାଦନକାରୀ ଦଳର କାର୍ଯ୍ୟକାରିଣୀ କମିଟିର ସଭ୍ୟା ହୋଇ ନଥିବେ କିମ୍ବା କୌଣସି ପଦ ପଦବୀରେ ଅଧିଷ୍ଠାତ ନଥିବେ । ବରିଷ୍ଠ ଗୋଷ୍ଠୀ ସାଧନ ବ୍ୟକ୍ତି ଜଣକ କୌଣସି ରାଜନୀତି ଦଳର କାର୍ଯ୍ୟକାରିଣୀ କମିଟିର ସଭ୍ୟା ହୋଇନଥିବେ କିମ୍ବା କୌଣସି ପଦ ପଦବୀରେ ଅଧିଷ୍ଠିତ ନଥିବେ ।

୨.୪ ସାଧନ ବ୍ୟକ୍ତି ଜଣଙ୍କର ଶିକ୍ଷାଗତ ଓ ବିଗତ ଦିନର ପେଷା ଭିତିକ ଯୋଗ୍ୟତା ଓ ଦକ୍ଷତା ଇତ୍ୟାଦି ଲେଖାଥାଇ ଏକ କାଗଜରେ ତାଙ୍କ ଦସ୍ତଖତ ହେବା ଆବଶ୍ୟକ । ଏହି କାଗଜରେ ତାଙ୍କର ଦୁଇ ଗୋଟି ଫଟୋ ଲାଗିବା ଆବଶ୍ୟକ ।

୨.୫ ତାଙ୍କୁ ସରକାରଙ୍କ ଦ୍ୱାରା ପ୍ରଦତ କୌଣସି ପରିଚୟ ପତ୍ରର ନକଲ ଉପରେ ତାଙ୍କର ଦସ୍ତଖତ ଥାଇ ଯଥା - ଭୋଟର କାର୍ଡ଼, ବି.ପି.ଏଲ୍. କାର୍ଡ଼, ଶ୍ରମ କାର୍ଡ଼, ବ୍ୟାଙ୍କ ପାସ୍‌ବୁକ୍, ଜମି ପଟ୍ଟା ଇତ୍ୟାଦିରୁ ଗୋଟିଏର ଅବିକଳ ନକଲ ଦେବାକୁ ପଡ଼ିବ ।

୨.୬ କେଉଁ ମହିଳା ସ୍ୱୟଂସହାୟକ ଦଳ ପାଇଁ କାମ କରିବେ ତାର ନାମ ଗୁଡ଼ିକ ମଧ୍ୟ ଏହି କାଗଜରେ ଲେଖା ହେବା ଆବଶ୍ୟକ ।

୨.୭ ଉତ୍ପାଦନକାରୀ ଦଳର କାର୍ଯ୍ୟକାରୀଣି କମିଟି ବା କୌଣସି ପଦପଦବୀରେ ନଥିବେ ।

**୩. ବରିଷ୍ଠ ଗୋଷ୍ଠୀ ସାଧନ ବ୍ୟକ୍ତିଙ୍କ କାର୍ଯ୍ୟ ଧାରା :**

୩.୧ ଉତ୍ପାଦନକାରୀ ଦଳ ନିର୍ଦ୍ଧାରିତ ପ୍ରୋତ୍ସାହନ ରାଶି ଅନୁଯାୟୀ ବିଭିନ୍ନ ପ୍ରକାର କାର୍ଯ୍ୟ ପାଇଁ ବରିଷ୍ଠ ଗୋଷ୍ଠୀ ସାଧନ ବ୍ୟକ୍ତିଙ୍କୁ ପାରିଶ୍ରମିକ ପ୍ରଦାନ କରାଯିବ ।

୩.୨ ପ୍ରତ୍ୟେକ ମାସ ଆରମ୍ଭରେ ପଂଚାୟତ ସ୍ତରୀୟ ବୈଠକ କରି ବରିଷ୍ଠ ଗୋଷ୍ଠୀ ସାଧନ ବ୍ୟକ୍ତିମାନଙ୍କ କାମର ଯୋଜନା ତିଆରି କରାଯିବା ଆବଶ୍ୟକ । ଏହି ବୈଠକରେ ସେମାନଙ୍କର ମାସିକ କାମ (ଗଲା ମାସ) କୁ ମଧ୍ୟ ସମୀକ୍ଷା/ଆଲୋଚନା କରାଯିବା ଆବଶ୍ୟକ ।

୩.୩ ମାସିକ ବୈଠକରେ ଉତ୍ପାଦନକାରୀ ଦଳ ଗୁଡ଼ିକର ୨ ସଦସ୍ୟ ମଧ୍ୟ ଉପସ୍ଥିତ ରହିବା ଆବଶ୍ୟକ ।

୩.୪ ବରିଷ୍ଠ ଗୋଷ୍ଠୀ ସାଧନ ବ୍ୟକ୍ତିଙ୍କ ମାସିକ କାର୍ଯ୍ୟ ବିବରଣୀକୁ ଉତ୍ପାଦନକାରୀ ଦଳର ସଭାପତି/ସମ୍ପାଦକଙ୍କ ଦ୍ୱାରା ଆଦୃତ କରିବା ଆବଶ୍ୟକ ।

୩.୫ ଉତ୍ପାଦନକାରୀ ଦଳର ଦଳ ନେତୃ ବୃନ୍ଦଙ୍କ ଦସ୍ତଖତ ସମ୍ବଳିତ ଲେଖା ପ୍ରାପ୍ତି ପରେ ତାଙ୍କୁ ତାଙ୍କର ସୀମିତ ପ୍ରୋତ୍ସାହନ ରାଶି "ଓରୀସା" ଅନୁଷ୍ଠାନ ଦ୍ୱାରା ପରିଚାଳିତ "ମହିଳା କୃଷକ ସଶକ୍ତିକରଣ ପ୍ରକଳ୍ପ" ପ୍ରଦାନ କରିବ ।

୩.୬ ବରିଷ୍ଠ ଗୋଷ୍ଠୀ ସାଧନ ବ୍ୟକ୍ତିଙ୍କୁ ତାଙ୍କ କାର୍ଯ୍ୟ ଦକ୍ଷତା ବୃଦ୍ଧି ନିମିତ ଉଦ୍ଦିଷ୍ଟ ବିଭିନ୍ନ ପ୍ରକାରର ତାଲିମ 'ଓରୀସା' ଦ୍ୱାରା ପରିଚାଳିତ ମହିଳା କୃଷକ ସଶକ୍ତିକରଣ ପ୍ରକଳ୍ପ ପ୍ରଦାନ କରିବ ।

୩.୭ ବରିଷ୍ଠ ଗୋଷ୍ଠୀ ସାଧନ ବ୍ୟକ୍ତି (ପ୍ରତ୍ୟେକଙ୍କୁ ଅଲଗା) ବାର୍ଷିକ ସଂମ୍ପାଦିତ କାମ ହାସଲର ଚିଠା ପ୍ରସ୍ତୁତ କରି ପ୍ରତ୍ୟେକଙ୍କ କାମକୁ ବାର୍ଷିକ ମୂଲ୍ୟାୟନ କରାଯିବ ।

୩.୮ ପ୍ରତ୍ୟେକ ବରିଷ୍ଠ ଗୋଷ୍ଠୀ ସାଧନ ବ୍ୟକ୍ତି କାମ କରିବା ପୂର୍ବରୁ ତାଙ୍କ କାର୍ଯ୍ୟ ସହିତ ଜଡ଼ିତ ସବୁ ମହିଳା ଉତ୍ପାଦନକାରୀ ଦଳ ଗୁଡ଼ିକ ସହିତ ଓ "ଓରୀସା" ଅନୁଷ୍ଠାନ ଦ୍ୱାରା ପରିଚାଳିତ ମହିଳା କୃଷକ ସଶକ୍ତିକରଣ ପ୍ରକଳ୍ପ ସହିତ ଏକ ତ୍ରୈପାକ୍ଷିକ ବୁଝାମଣା ପତ୍ର ସ୍ୱାକ୍ଷର କରିବେ ।

୩.୯ ପ୍ରତ୍ୟେକ ବରିଷ୍ଠ ଗୋଷ୍ଠୀ ସାଧନ ବ୍ୟକ୍ତି ତାଙ୍କ କାର୍ଯ୍ୟ ପରିସୀମା ଅଂଚଳରେ ଥିବା ଗୋଷ୍ଠୀ ସାଧନ ବ୍ୟକ୍ତି ମାନଙ୍କର ଦକ୍ଷତା ବୃଦ୍ଧିକରିବାରେ ସାହାଯ୍ୟ କରିବେ ଓ ଏ ମାନଙ୍କ ସହ ମିଶି ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରାଇବେ ।